## ଇଫ୍‌କୋରେ କୃଷକ ସମାବେଶ

# ଜୈବ ସାର ୟୁନିଟ୍ ଉଦ୍‌ଘାଟିତ



ଇଫ୍‌କୋ ପକ୍ଷରୁ ଉଦ୍‌ଘାଟିତ ଜୈବ ସାର ୟୁନିଟ୍।

ପାରାଦୀପ, ୯।୪ (ସ୍ବ.ପ୍ର.)– ପାରାଦୀପଠାରେ ଥିବା ଇଫ୍‌କୋ ସାର କାରଖାନା ତରଫରୁ ଏକ ନୂତନ ଜୈବ ସାର ୟୁନିଟ୍ ବୁଧବାର ଉଦ୍‌ଘାଟନ ହୋଇଛି। ଏହାକୁ ଏକ ବଡ଼ ସଫଳତା ବୋଲି ଇଫ୍‌କୋ ଘୋଷଣା କରିଛି। ଏହି ଅବସରରେ କୃଷକ ସମାବେଶ କରି କାରଖାନା ଚାଷୀଙ୍କ ସହ ଯୋଡ଼ି ହୋଇଛି। ଏହି ଜୈବ ସାର ୟୁନିଟ୍‌କୁ ଉଦ୍‌ଘାଟନ କରିଥିଲେ ଇଫ୍‌କୋର ସର୍ବଭାରତୀୟ ୟୁନିଟ୍ ମୁଖ୍ୟ ଡ. ଉଦୟ ଶଙ୍କର ଅଗସ୍ତି। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ୟୁନିଟ୍ ମୁଖ୍ୟ ଆଶିଷ କୁମାର ପଣ୍ଡା, ମାର୍କେଟିଂ ମ୍ୟାନେଜର ଏସ୍.କେ. ଚଟ୍ଟୋପାଧ୍ୟାୟ, ଫୁଲପୁର ୟୁନିଟ୍ ମୁଖ୍ୟ ମନମୋହନ ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ଜୈବସାରର ଉପକରଣ ସମ୍ପର୍କରେ ମତ ରଖିଥିଲେ। ବାର୍ଷିକ ଉକ୍ତ ୟୁନିଟ୍‌ରୁ ୧ ଲକ୍ଷ ଲିଟର ଜୈବ ସାର ଉତ୍ପାଦନ ହେବ। ପରବର୍ତ୍ତୀ ଅବସ୍ଥାରେ ଏହାର କ୍ଷମତା ବୃଦ୍ଧି କରାଯିବ। ଇଫ୍‌କୋର ସ୍ବତନ୍ତ୍ର ଟିମ୍ ବିଭିନ୍ନ ରାଜ୍ୟର ମୃତ୍ତିକା ପରୀକ୍ଷଣ କରିବା ପରେ ନିଜସ୍ବ ଜ୍ଞାନକୌଶଳରେ ଏହା ସ୍ଥାପନା କରିଛି। ଜୈବ ସାରର ବିବିଧତା ହେଲା ମାଟିର ଉର୍ବରତାକୁ ବୃଦ୍ଧି କରିବ, ଭଲ ଫସଲ ହେବ ଏବଂ ସାର ଖର୍ଚ୍ଚକୁ କମ୍ କରିବ। ଜମିରେ ପ୍ରଥମେ ଖତ, ତା'ପରେ ଜୈବସାର ଓ ପରେ ରାସାୟନିକ ସାର ବ୍ୟବହାର କରାଯିବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ପୂର୍ବରୁ ଥିବା ଓସୱାଲ କାରଖାନାକୁ ଇଫ୍‌କୋ ୨୦୦୫ରେ କିଣିଥିଲା। ପରେ ଅନେକ ବୈଷୟିକ ପରିବର୍ତ୍ତନ କରିବା ସହ ଜୈବ ସାର ୟୁନିଟ୍ ସ୍ଥାପନା କରିପାରିଛି ବୋଲି ଅଗସ୍ତି ସୂଚନା ଦେଇଥିଲେ। ଆସନ୍ତା ବର୍ଷକ ମଧ୍ୟରେ ଚାଷୀଙ୍କ ପାଇଁ ଏକ ତାଲିମ ଶିବିର କରାଯିବ ବୋଲି ଘୋଷଣା କରିଥିଲେ, ଯେଉଁଥିରେ ଇଣ୍ଟରନେଟ୍ ସୁବିଧା ରହିବ। ଏଥିସହ ସାରା ଦେଶରେ ଚାଷୀଙ୍କୁ ଯେଉଁ ରିହାତି ଦିଆଯାଉଛି ତାକୁ ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ଦେବା ପାଇଁ ଇଫ୍‌କୋ ସରକାରସ୍ତରରେ ପ୍ରୟାସ କରିଛି ବୋଲି ଅଗସ୍ତି ସୂଚନା ଦେଇଥିଲେ।